# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 May – 2024**

**News Editor : Tapan Kumar Maharana**

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜାରି
- ମାଟ୍ରିକ ପରୀକ୍ଷାଖାତାର ପୁନଃ ଯାଞ୍ଚ ପାଇଁ ଆସନ୍ତାକାଲିଠାରୁ ଆବେଦନ ଆରମ୍ଭ
- ଆସନ୍ତାକାଲି ଭଉଁରୀ ଉତ୍ସବ; ଶ୍ରୀଜୀଉଙ୍କ ରଥ ପାଇଁ ସଂଯୋଗ ହେବ ଚକ ଓ ଅଖ

ଏବଂ

- ରାଜ୍ୟରେ ଆଜିଠାରୁ ୩ରୁ ୫ ଡିଗ୍ରୀ ତାପମାତ୍ରା ବୃଦ୍ଧି ନେଇ ପୂର୍ବାନୁମାନ

– ୨୪ ଘଣ୍ଟା ଯାଏଁ ଜାରି ରହିବ ଗୁଳୁଗୁଳି

*Desk*

# ଷ୍ଟାର୍ ପ୍ରଚାରକ

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଉ ମାତ୍ର ୫ ଦିନ ବାକି ଥିବାବେଳେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ବାରିପଦାର ଛଉପଡ଼ିଆ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ବଡ଼ଚଣା, ଧର୍ମଶାଳା ଓ ବିଂଝାରପୁରରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବାଲେଶ୍ୱର ଏବଂ ଭଦ୍ରକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ଥିବା ବେଳେ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ପ୍ରଚାରର ଶେଷଦିନ ଆସନ୍ତା ୩୦ ତାରିଖ ଗୁରୁବାର ଦିନ ବାଲେଶ୍ୱରରେ ପ୍ରଚାର କରିବେ ।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଚାନ୍ଦବାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ସେ ରାଜ୍ୟରେ ବିଜେପି ସରକାର ଆସିଲେ ଶିଳ୍ପ ପ୍ରତିଷ୍ଠା ସହ ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଶ୍ରୀ ଶାହା ଆଜି

ପାଣିକୋଇଲି ଏବଂ ନିମାପଡ଼ାଠାରେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

ସେହିପରି ବିଜେପି ପକ୍ଷରୁ କେନ୍ଦ୍ରାପଡ଼ାର ଜମ୍ମୁଠାରେ ଏକ ରୋଡ୍ ଶୋ' କରାଯାଇଥିବା ବେଳେ ବିଜେଡି ପକ୍ଷରୁ ବେତନଟୀ ଏବଂ ଭୋଗରାଇରେ ପ୍ରଚାର କାର୍ଯ୍ୟ ଚାଲିଛି।

***Desk/***

# ଲୋକସଭା ନିର୍ବାଚନ

ରାଜ୍ୟରେ ୪ଟି ପର୍ଯ୍ୟାୟରେ ହେଉଥିବା ବିଧାନସଭା ନିର୍ବାଚନରେ ତିନୋଟି ପର୍ଯ୍ୟାୟ ଶେଷ ହୋଇଛି। ଏହି ୪ଟି ପର୍ଯ୍ୟାୟରେ ୧୪୭ଟି ଆସନ ଲାଗି ୧ ହଜାର ୨୮୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିରେ ଜାତୀୟସ୍ତରୀୟ ଦଳରୁ ୪୨୮ ଜଣ ଥିବାବେଳେ ରାଜ୍ୟସ୍ତରୀୟ ଦଳରୁ ୨୦୭ ଜଣ ଅଛନ୍ତି। ସେହିପରି ଅଣ ମାନ୍ୟତା ପ୍ରାପ୍ତ ପଞ୍ଜୀକୃତ ରାଜନୈତିକ ଦଳରୁ ୨୨୫ ଜଣ ନିର୍ବାଚନ ଲଢୁଥିବା ବେଳେ ଚଳିତଥର ୪୨୫ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଜୁନ୍ ମାସ ୧ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଅବଶିଷ୍ଟ ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ ।

ଏହି ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ପାଇଁ ୬୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

***Desk***

## ମାଟ୍ରିକ୍ ଖାତା ପୁନଃ ଯାଞ୍ଚ୍

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ମାଟ୍ରିକ ପରୀକ୍ଷାଖାତାର ପୁନଃ ଯାଞ୍ଚ୍ ଏବଂ ଉତ୍ତର ଖାତାର ଅବିକଳ ନକଲ ପାଇଁ ଆସନ୍ତାକାଲି ଠାରୁ ଅନ୍‌ଲାଇନ୍ ଆବେଦନ ଓ ଦେୟ ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଏ ନେଇ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ଇଚ୍ଛୁକ ପରୀକ୍ଷାର୍ଥୀମାନେ **bseodisha.ac.in** ୱେବସାଇଟ୍ ଜରିଆରେ ଜୁନ୍ ୧୨ ତାରିଖ ମଧ୍ୟରେ ଆବେଦନ କରିପାରିବେ । ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀମାନେ ପରିଷଦର ମୁଖ୍ୟ କାର୍ଯ୍ୟାଳୟ କିମ୍ବା ଶାଖା କାର୍ଯ୍ୟାଳୟରେ ଅଫଲାଇନ୍ ଜରିଆରେ ଆବେଦନ କରିପାରିବେ । ପରୀକ୍ଷା ଖାତାଗୁଡ଼ିକର ପୁନଃ ଯାଞ୍ଚ୍ ପରେ ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ମାର୍କସିଟ୍ ଯୋଗାଇ ଦିଆଯିବ । ସେହିପରି ଉତ୍ତରଖାତାର ନକଲ ଗୁଡ଼ିକୁ ୱେବସାଇଟ୍‌ରୁ ଆବେଦନକାରୀମାନେ ଡାଉନ୍‌ଲୋଡ୍ କରିପାରିବେ ।

***Desk***

## ପିଜି ନାମଲେଖା

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର-ପିଜି ନାମଲେଖା ପାଇଁ ଆବେଦନ

ଗତକାଲି ଶେଷ ହୋଇଛି । ୧୧୩ଟି ଉଚ୍ଚଶିକ୍ଷାନୁଷ୍ଠାନର ୨୮ ହଜାର ୯୨୬ଟି ପିଜି ଆସନ ପାଇଁ ୬୩ ହଜାର ୧୪୬ ଜଣ ପ୍ରାର୍ଥୀ ଆବେଦନ କରିଥିବା ଜଣାପଡ଼ିଛି । ଏଥିଲାଗି ଜୁଲାଇ ମାସ ୩ ତାରିଖରୁ ୧୪ ତାରିଖ ମଧ୍ୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଆସନ୍ତା ଜୁନ୍ ୨୨ ତାରିଖରୁ ସାମ୍ସ୍ ୱେବ୍ସାଇଟ୍ରୁ ଆବେଦନକାରୀ ମାନେ ପ୍ରବେଶପତ୍ର ଡାଉନ୍ଲୋଡ୍ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନା ଦେଇଛି ।

***Desk***

## ଓପିଏସ୍‌ସି/ଡିଏମ୍‌ଇଟି ଅଧ୍ୟକ୍ଷ

ପ୍ରଫେସର ସରିତା ସୁପକାର ଓଡ଼ିଶା ଲୋକସେବା ଆୟୋଗ-ଓପିଏସ୍‌ସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରଥମ ମହିଳା ଅଧ୍ୟକ୍ଷ ଭାବେ ପ୍ରଫେସର ସୁପକାର ନିଯୁକ୍ତି ପାଇଛନ୍ତି । ପୂର୍ବରୁ ସେ ଓପିଏସ୍‌ସିର ସଦସ୍ୟା ଭାବେ କାର୍ଯ୍ୟରତ ଥିଲେ ।

ଅନ୍ୟପକ୍ଷରେ ରାଜ୍ୟ ସରକାର ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ରଙ୍କୁ ମେଡ଼ିକାଲ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ – ଡି.ଏମ୍.ଇ.ଟି.ର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛନ୍ତି । ଏ ନେଇ ବିଭାଗୀୟ ବିଜ୍ଞପ୍ତି ପ୍ରକାଶ ପାଇଛି । ଡାକ୍ତର ମିଶ୍ର ଏବେ ବ୍ରହ୍ମପୁର ଏମ୍.କେ.ସି.ଜି. ମେଡ଼ିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷ ଅଛନ୍ତି ।

*HS*

## ଗଞ୍ଜାମରେ ରାତି କଟକଣା

ଗଞ୍ଜାମ ଜିଲ୍ଲାରେ ଜୁନ୍ ୪ ତାରିଖ ପର୍ଯ୍ୟନ୍ତ ରାତି ସାଢ଼େ ୮ଟା ପରେ ଦୋକାନ ବଜାର ବନ୍ଦ ଲାଗି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶ ଦେଇଛନ୍ତି । କିଛିଦିନ ପୂର୍ବେ ଜିଲ୍ଲାରେ ସୃଷ୍ଟି ହୋଇଥିବା ରାଜନୈତିକ ହିଂସାପରେ ପୁଲିସ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ନିର୍ଦ୍ଦେଶ ଅନୁଯାୟୀ, ରାତି ସାଢ଼େ ୮ଟା ପରେ ହୋଟେଲ ଓ ଚା' ଦୋକାନ ମଧ୍ୟ ବନ୍ଦ ରହିବ ।

*Desk*

## ମଣ୍ଡି ଯାଞ୍ଚ

ଭାରତୀୟ ଖାଦ୍ୟ ନିଗମର କେନ୍ଦ୍ରୀୟ ପ୍ରତିନିଧି ଦଳ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଏବଂ ବରଗଡ଼ ଜିଲ୍ଲାର ବିଭିନ୍ନ ମଣ୍ଡି ଯାଞ୍ଚ କରୁଛନ୍ତି । ଏହି ଯାଞ୍ଚ ସମୟରେ ମଣ୍ଡିର ସ୍ଥିତି, ଚାଉଳ ସଂରକ୍ଷଣ ପଦ୍ଧତି ଓ ଅନ୍ୟାନ୍ୟ ମାନଦଣ୍ଡ ସଠିକ୍ ଭାବେ ଅନୁପାଳନ ହେଉଛି କି ନାହିଁ ତାହା ତଦାରଖ କରାଯାଉଛି । ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ଅନ୍ୟ ମଣ୍ଡିଗୁଡ଼ିକ ମଧ୍ୟ ଯାଞ୍ଚ କରାଯିବ ବୋଲି ଭାରତୀୟ ଖାଦ୍ୟ ନିଗମ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଚାଷୀଙ୍କ ଠାରୁ ଖାଦ୍ୟ ସଂଗ୍ରହ ନୀତି ଅନୁଯାୟୀ ଧାନ ସଂଗ୍ରହ କରାଯିବ ବୋଲି ପ୍ରତିନିଧି ଦଳ କହିଛନ୍ତି ।

*Desk*

## ତିନିରଥର ଅଖକାମ ଅନୁକୂଳ

ଶ୍ରୀଜୀଉମାନଙ୍କର ରଥଯାତ୍ରା ପାଇଁ ରଥଖଳାରେ ତିନିରଥର ଅଖ କାମ ଅନୁକୂଳ ହୋଇଥିବା ବେଳେ ବିଶ୍ୱକର୍ମାମାନେ ନାହାକା ଅଖ ତିଆରି ଆରମ୍ଭ କରିଛନ୍ତି। ଆସନ୍ତାକାଲି ଭଉଁରୀ ଉତ୍ସବରେ ଚକ ଓ ଅଖ ସଂଯୋଗ ହେବ। ଅନ୍ୟପକ୍ଷରେ ଜୁନ୍ ୨୨ ତାରିଖରେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ନାନପୂର୍ଣ୍ଣିମା ପରେ ମହାପ୍ରଭୁଙ୍କ ଅଣସର ନୀତି ଥିବାରୁ ଗୁପ୍ତନୀତି ପାଇଁ ଆବଶ୍ୟକ ଦ୍ରବ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସଂଗ୍ରହ କରାଯାଇଛି। ଏଥିଲାଗି ତିଗିରିଆ–ନୂଆପାଟଣା ଅଞ୍ଚଳରୁ ୩ କୁଇଣ୍ଟାଲ ବାସୁଙ୍ଗାପାଟ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଁଞ୍ଚିଛି।  ଏଥିଲାଗି ନୂଆପାଟଣା ଟସର ବ୍ୟବସାୟୀଙ୍କୁ ବରାଦ ଦିଆଯାଇଥିଲା। ଗତକାଲି ଏହି ବାସୁଙ୍ଗାପାଟକୁ ପ୍ରଶାସନିକ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି।

*BBSR*

## ନିର୍ବାଚନ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ନିର୍ବାଚନ କାର୍ଯ୍ୟରେ ମହିଳା ପୁଲିସ କର୍ମଚାରୀ ମାନଙ୍କୁ ନେଇ ଯାଉଥିବା ପୁଲିସ ଗାଡ଼ି ଦୁର୍ଘଟଣା ଭୁବନେଶ୍ୱର ଠାରେ ଗ୍ରସ୍ତ ହୋଇଛି। ଏଥିରେ ୭ ଜଣ ମହିଳା ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ମହିଳା ପୁଲିସ୍ କର୍ମଚାରୀଙ୍କୁ ଧରି ଗାଡ଼ିଟି କେନ୍ଦ୍ରାପଡ଼ାକୁ ନିର୍ବାଚନୀ କାର୍ଯ୍ୟ ଅଭିମୁଖେ ଯାଉଥିବାବେଳେ  ଭୁବନେଶ୍ୱର ବାଣୀବିହାର ନିକଟରେ ସାମ୍ନା ପଟରୁ ଏକ ପିକ୍ ଅପ୍ ଭ୍ୟାନ ଧକ୍କା ଦେଇଥିଲା ।

ଏଥିରେ ଆହତ ୭ ମହିଳା ପୁଲିସ୍ କର୍ମଚାରୀମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି ।

***Desk***

## ଲା’ ନିନା

ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ସମୟରେ ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଉଥିବା ବେଳେ ଚଳିତ ବର୍ଷ ଲା’ ନିନା ପ୍ରଭାବ ଯୋଗୁଁ ପ୍ରାୟ ୨୫ଟି ଘୂର୍ଣ୍ଣିଝଡ଼ ହେବା ସମ୍ଭାବନା ରହିଥିବା ଜଣାପଡ଼ିଛି। ଆମେରିକାର ପାଣିପାଗ ସଂସ୍ଥା ପକ୍ଷରୁ ଏହି ପୂର୍ବାନୁମାନ କରାଯାଇଛି। ସୂଚନା ଅନୁଯାୟୀ, ୧୩ଟି ଝଡ଼ ସମୟରେ ଘଣ୍ଟା ପ୍ରତି ୧୧୯ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ଥିବାବେଳେ ଅନ୍ୟ ୪ଟିରୁ ୭ଟି ଝଡ଼ ସମୟରେ ଘଣ୍ଟା ପ୍ରତି ଶହେ ଅଣାଅସୀ କିଲୋମିଟର ପର୍ଯ୍ୟନ୍ତ ପବନ ବହିବାର ପୂର୍ବାନୁମାନ କରାଯାଇଛି। ଦିନକୁ ଦିନ ସମୁଦ୍ର ଉଷ୍ମ ହେଉଥିବାରୁ ଅଧିକରୁ ଅଧିକ ଝଡ଼ ସୃଷ୍ଟି ହେଉଛି। ୨୦୨୩ ମାର୍ଚ୍ଚ ପରଠାରୁ ସମଗ୍ର ବିଶ୍ୱରେ ସମୁଦ୍ର ପୃଷ୍ଠ ତାପମାତ୍ରା ବୃଦ୍ଧି ପାଉଛି। ବୈଜ୍ଞାନିକମାନଙ୍କ ପୂର୍ବାନୁମାନ ଅନୁଯାୟୀ, ଗ୍ରୀଷ୍ମ ଋତୁ ଶେଷ ସୁଦ୍ଧା ଏଲ୍ ନିନୋ’ ଲା ନିନାରେ ରୂପାନ୍ତରିତ ହେବା ସହ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି।

*Desk*

# ଗାଡ଼ି ଚାଳନା-ମୋବାଇଲ୍ ବ୍ୟବହାର

ଗାଡ଼ି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଯୋଗୁଁ ଗତବର୍ଷ ରାଜ୍ୟରେ ୪୩୩ଟିରୁ ଅଧିକ ସଡ଼କ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏ ନେଇ ସାମାଜିକ ଗଣମାଧ୍ୟମରେ ସଚେତନ କରାଯାଇଛି। ଗାଡ଼ି ଚାଳନା ସମୟରେ ଚାଳକମାନେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବାକୁ ପ୍ରାଧିକରଣ ପରାମର୍ଶ ଦେଇଛି। ସୂଚନା ଅନୁଯାୟୀ, ୨୦୨୩ରେ ମୋବାଇଲ ଫୋନ୍ ବ୍ୟବହାର କରି ଗାଡ଼ି ଚଳାଇବା ଦ୍ୱାରା ଦୁର୍ଘଟଣାରେ ୧୬୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୪୭ ଜଣ ଆହତ ହୋଇଥିଲେ। ଗାଡ଼ି ଚଳାଇବା ବେଳେ ଚାଳକମାନେ ମୋବାଇଲ୍ ବ୍ୟବହାର ନ କରିବା ନେଇ ୨୦୧୯ ମସିହାରୁ ନିୟମ କରାଯାଇଛି ।

*Desk*

# ବିମାନଭଡ଼ା

ବିଶ୍ୱର ବିଭିନ୍ନ ଦେଶ ତୁଳନାରେ ଭାରତରେ ବିମାନ ଭଡ଼ା ସବୁଠାରୁ କମ୍ ରହିଥିବା ଜଣାପଡ଼ିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅନୁଯାୟୀ, ଭାରତରେ ଘରୋଇ ବିମାନରେ ପ୍ରତିଦିନ ହାରାହାରି ୪ ଲକ୍ଷ ୫ ହଜାର ଯାତ୍ରୀ ଯାତ୍ରା କରୁଛନ୍ତି। ଘରୋଇ ବିମାନ ସେବା କ୍ଷେତ୍ରରେ ଦେଶରେ ୨୦ଟି ଶୀର୍ଷ ଘରୋଇ ବିମାନ ମାର୍ଗରେ ଗତ ୨୦ ବର୍ଷ ମଧ୍ୟରେ ବିମାନ ଭଡ଼ା ବୃଦ୍ଧି କରାଯାଇ ନ ଥିବାବେଳେ ଗତ ୬ଟି ତ୍ରିୟମାସରେ

ବିମାନ ଭଡ଼ା ୪୦ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟ ଦେଶ ତୁଳନାରେ ଏହି ବିମାନଭଡ଼ା କମ୍ ବୋଲି ଜଣାପଡ଼ିଛି।

*Nabarangpur*

## 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଶିଶୁଙ୍କ ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ପଞ୍ଚାୟତ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ ଟାସ୍କଫୋର୍ସର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସିଡିପିଓ ସସ୍ମିତାବାଳା ମହାନ୍ତି ଅଧ୍ୟକ୍ଷତା କରି ଶିଶୁଙ୍କ ସୁରକ୍ଷା ଓ ବାଲ୍ୟବିବାହ ରୋକିବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

*Desk*

## ମୌସୁମୀ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩୧ ତାରିଖ ସୁଦ୍ଧା କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏବେ ମୌସୁମୀ ବାୟୁ ପ୍ରବେଶ ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବା ପାଣିପାଗ ବିଭାଗ ମହାନିର୍ଦ୍ଦେଶକ କହିଛନ୍ତି।

ଆକଳନ ଅନୁଯାୟୀ, ଚଳିତବର୍ଷ ଦେଶରେ ଜୁନ୍‌ଠାରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ଋତୁରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ଏହି ସମୟ ମଧ୍ୟରେ ପ୍ରାୟ ୧୦୬ ପ୍ରତିଶତ ବର୍ଷା ହେବା ପୂର୍ବାନୁମାନ କରାଯାଇଛି। ତେବେ ରାଜ୍ୟରେ ନିଅଁଣ୍ଟିଆ ବର୍ଷା ହେବାର ସମ୍ଭାବନା ଦେଖାଦେଇଛି। କେନ୍ଦ୍ରୀୟ ଓଡ଼ିଶାର କିଛି ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେବାକୁ ଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରେ ବର୍ଷା ପରିମାଣ ହ୍ରାସ ପାଇବ ବୋଲି ଅନୁମାନ କରାଯାଇଛି।

***Desk***

# ତାପମାତ୍ରା

ରାଜ୍ୟରେ ଆଜିଠାରୁ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ରାଜ୍ୟରେ ଗୁଳୁଗୁଳି ସ୍ଥିତି ଜାରି ରହିବ। ଆସନ୍ତାକାଲି ଓ ୩୦ ତାରିଖରେ ୪ଟି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତକାଲି ରାଜ୍ୟର ୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୨ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା।

*********************************